ISSN -2583-147X(P), Vol.- 8, Issue No.XI, February 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ସାଂପ୍ରତିକ ସ୍ଥିତି

ରୁଦ୍ର ନାରାୟଣ ମହାପାତ୍ର

## ୧. ଉପକ୍ରମ :

ଭାଷାର ଉପଯୁକ୍ତ ଉଚ୍ଚାରଣ, ବନାନ, ଶବ୍ଦର ଯଥାର୍ଥ ଅର୍ଥ, ନୂତନ ଶବ୍ଦର ସୃଷ୍ଟି, ଏକ ଭାଷାରେ ଅନ୍ୟ ଏକ ଭାଷାରେ ବ୍ୟବହାର, ଜ୍ଞାନର ବିକାଶ ସାଙ୍ଗକୁ ଏଥିରୁ ଉଦ୍ଭବ ନୂତନ ଶବ୍ଦ ଆଦିକୁ ଦେଖିଲେ ଭାଷାର ପ୍ରଯୁକ୍ତିଗତ ସ୍ୱରୂପରେ ବ୍ୟାପକ ପରିବର୍ତ୍ତନ ଅନୁଭବ ହେଉଛି । ଗତ ଦୁଇ ଦଶନ୍ଧି ଭିତରେ ସାମାଜିକ ଗଣମାଧ୍ୟମରେ ଭାଷାର ପ୍ରସାର ଯେତେ ଶୀଘ୍ର ହୋଇପାରିଛି, ଅନ୍ୟ କୌଣସି କ୍ଷେତ୍ରରେ ସେପରି ହୋଇପାରିନାହିଁ । ସାମାଜିକ ଗଣମାଧ୍ୟମରେ ବ୍ୟବହାରକାରୀ ଭାଷାକୁ ନିଜ ସୀମାରେ ସୀମିତ ନ ରଖି, ନିଜର ଭାଷିକ ପରିଚୟକୁ ସର୍ବ ସମ୍ମୁଖରେ ପହଞ୍ଚାଇବାର ସକ୍ଷମତା ପ୍ରକାଶ କରୁଛି । ପୁନଃ ଭାବପ୍ରକାଶ ପାଇଁ ଆଜିର ଜ୍ଞାନବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ଭାଷାକୁ ଏକ ଅନନ୍ୟ ମଞ୍ଚ ପ୍ରଦାନ କରିଛି ଏବଂ ଏଥିରୁ ଜନ୍ମନେଇଛି 'ନେଟ୍‌କଥା' ବା 'Net-Speak' ।

ତେବେ ଏହି ନେଟ୍‌ସ୍ପିକ୍ ବା ନେଟ୍-କଥା ଶବ୍ଦଟି ବ୍ରିଟିଶ୍ ଭାଷାବିତ୍ ଡାଭିଡ୍ କ୍ରିଷ୍ଟାଲ (David Crystal) 'speak' ଶବ୍ଦଟି ଏଠାରେ ଉଭୟ ଭାଷା, ଏଣୁତେଣୁ କିଛି ଲେଖା jargon ଆଦି ଯାହା କିଛିକୁ ବୁଝାଇଥାଏ । କ୍ରିଷ୍ଟଲଙ୍କ ଦୃଷ୍ଟିରେ ଏହି ନେଟ୍‌ସ୍ପିକ୍ ଶବ୍ଦ ଏକ ବ୍ୟାପକ ଅର୍ଥରେ ବ୍ୟବହର ହୋଇଥାଏ । ଏହା ଲିଖିବା, ପଢିବା, କଥାବାର୍ତ୍ତା ଆଦି ଯେକୌଣସି କ୍ରିୟାକୁ ବୁଝାଇଥାଏ ବା ଏଣୁତେଣୁ ତଥ୍ୟର ସମାହାର ଏବଂ କିଛି ଶବ୍ଦର ସମନ୍ୱୟକୁ ବୁଝାଇଥାଏ । ଅତଏବ ନେଟ୍‌କଥା ହିଁ କହିଲେ ଇଣ୍ଟର୍ନେଟ୍‌ରେ ବ୍ୟବହାର ହେଉଥିବା ଏକ ପ୍ରକାର ମିଶ୍ରଭାଷା । ପୁନଃ କ୍ରିଷ୍ଟାଲ ଇଣ୍ଟର୍ନେଟ୍‌ର ଏହି ନିୟମିତ ଉପଭୋକ୍ତା ନାଗରିକଙ୍କୁ 'ନେଟିଜେନ୍'(Netizen) ବା 'ନେଟ୍-ନାଗରିକ' (Net-Citizen) ବୋଲି କହିଛନ୍ତି । ଅତଏବ ଏହି ନେଟିଜେନ୍ (Netizen) ମାନଙ୍କର ନିଜସ୍ୱ ଭାଷିକ ବିଭବ ହିଁ ନେଟ୍‌କଥା (Net-Speak) ।

ଏହାକୁ ଡ୍ୟାଭିଡ୍ କ୍ରିଷ୍ଟାଲ (David Crystal) ଏକ ବିଶେଷ ପ୍ରକାର ଭାଷା ଭାବେ ଗ୍ରହଣ କରିଛନ୍ତ (୨୦୦୧) । ତାଙ୍କ ଦୃଷ୍ଟିରେ "As a name, Net-speak is succinct, and functional enough, as long as we remember that 'speak' here involves writing as well as talking, and that any 'speak' suffix also has a receptive element, including 'listening and reading'.(2) ଅର୍ଥାତ୍ ନେଟ୍‌କଥା ସଂପ୍ରତି ଏକ ନବ୍ୟ ଭାଷାବୈଜ୍ଞାନିକ ଅଧ୍ୟୟନଗତ ମାଧ୍ୟମ ।

## ୨. ନେଟ୍‌କଥାର ସ୍ୱରୂପ ଓ ବୈଶିଷ୍ଟ୍ୟ :

ନେଟ୍‌କଥା ସଂପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଆମ ସମ୍ମୁଖକୁ 'ଡିଜିଟାଲ୍-ବିଷୟବସ୍ତୁ' ବା 'Digital Content' ର କଥା ଆମ ସମ୍ମୁଖକୁ ଆସିଥାଏ । ନେଟ୍‌କଥା (Net-Speak) ହେଉଛି ଏକପ୍ରକାର 'ବାକ୍‌ଲିଖନ' ବା 'Speech-Writing' । ନେଟ୍‌କଥା ସ୍ୱୟଂ ଏକ ଭାଷିକ ସ୍ୱରୂପ ହୋଇଥିବାରୁ ଏହାର ମଧ୍ୟ ଭିନ୍ନଭିନ୍ନ ରୂପ ରହିଛି । ଏହାର ବି ଭିନ୍ନଭିନ୍ନ ପ୍ଲାଟଫର୍ମରେ ଭିନ୍ନଭିନ୍ନ ରୂପ ପରିଗ୍ରହଣ କରିଥାଏ । ଏହାର ଭିନ୍ନଭିନ୍ନ ରୂପକୁ 'ଓଗୁନାଇଲ୍ ୱେଲ୍ ଯୋସେଫ୍' (OgunyaleWale Josep) ତାଙ୍କର ସନ୍ଦର୍ଭ (୨୦୧୬) ବି.ଏ. ଇଂରାଜୀ ସନ୍ଦର୍ଭରେ ଚାରି ଭାଗରେ ବିଭକ୍ତ କରିଛନ୍ତି, ଯଥା 'Lolspeak', 'Leetspeak', 'Textspeak', ଏବଂ 'Chatspeak' ।(୬) ମାତ୍ର ଏହିସବୁ ଭିତରୁ ଉକ୍ତ ନିବନ୍ଧରେ ବିଶେଷକରି 'Chatspeak' ଉପରେ ଗୁରୁତ୍ୱ ଦିଆଯାଇଛି । ଚାଟ୍‌ସ୍ପିକ୍ (Chatspeak) ସଂପର୍କରେ Deckerand Vandekerckhov (2009) କହିଛନ୍ତି, 'Chatspeak on the other hand, refers to the kind of language particular

to online interactive social media such as Facebook, WhatsApp, 2go, and IM. (୭) ।

hey !! (ଗଭୀର ଭାବାତ୍ମକ ସମ୍ବୋଧନ ଅର୍ଥରେ)

hii ବା hi :) (ସ୍ମିତହାସ୍ୟରେ ସମ୍ବୋଧନ ଅର୍ଥରେ)

ନେଟ୍‌କଥାର ସବୁଠି ବଡ଼ ବିଶେଷତ୍ୱ ହେଉଛି ଏହାର ପ୍ରସଙ୍ଗ ସଂଶ୍ଳିଷ୍ଟ ଶବ୍ଦାବଳୀ (Lexicon), ଯାହା ବହୁ ସମୟରେ ନିର୍ଦ୍ଦିଷ୍ଟ ସମୟ, ପ୍ରସଙ୍ଗ ବା ବ୍ୟବହାରକର୍ତ୍ତାଙ୍କ ଉଦ୍ଦେଶ୍ୟ ଅଭିମୁଖୀ ହୋଇଥାଏ । ବହୁ ସମୟରେ ଏକ ଶବ୍ଦ କୌଣସି ଅଭିଧାନ ଅନ୍ତର୍ଗତ ବା ଏକ ଭାଷିକ ଶବ୍ଦବିଭବରୁ ଆସିଥିଲେ ବି ଏହାର ଲିଖନଶୈଳୀ ଏତେ ଏଲଗା ବା ଏଣ୍ଡୁଡେଣ୍ଡୁ ହୋଇଥାଏ, ଯାହାର କୌଣସି ନିୟମ ନଥାଏ, କିନ୍ତୁ ପ୍ରତିପକ୍ଷଙ୍କ ବୁଝିବା ଅନୁରୂପ ହୋଇଥାଏ । ଏପରିକି ଏଥିରେ ବହୁସମୟରେ ଚିତ୍ରଲେଖା (Grapheme) ବ୍ୟବହାର ହୋଇଥାଏ । ଏହା ବ୍ୟତୀତ ନେଟ୍‌କଥାରେ ବହୁସମୟରେ ଏକାଧିକ ଶବ୍ଦର କ୍ରମ ମିଶି ଏକ ଯୌଗିକ ଶବ୍ଦ ବା ପଦ ତିଆରି କରିଥାନ୍ତି, ଯେପରିକି ଓଡ଼ିଆରେ ବ୍ୟବହୃତ ହେଉଥିବା 'ଇ-ବାଣିଜ୍ୟ', ମାଉସ୍-କ୍ଲିକ୍, ୱେବ୍-କ୍ୟାମ୍ ଶବ୍ଦ ।

ଅତଏବ ଏହି ନେଟ୍‌କଥାର ଉପରୋକ୍ତ ବୈଶିଷ୍ଟ୍ୟ ଏବେ ପୃଥିବୀର ପ୍ରତ୍ୟେକ ଭାଷାର ସ୍ୱରୂପଗତ ବିଶେଷତ୍ୱରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଯାଉଛି । ଏହିକ୍ରମରେ ସାମାଜିକ ଗଣମାଧ୍ୟମ (Social-media) ଓଡ଼ିଆ ଭାଷାର ବ୍ୟବହାର ଓ କାର୍ଯ୍ୟଶୈଳୀକୁ କିପରି ପ୍ରଭାବିତ କରୁଛି ଓ ଏହା ଓଡ଼ିଆ ଭାଷାର ସ୍ୱରୂପକୁ ଆଗକୁ କେଉଁ ଦିଗରେ ନେବାର ସମ୍ଭାବନା ରହିଛି, ତାହାକୁ ଜାଣିବା ଏବେ ଓଡ଼ିଆ ଭାଷାର ଭବିଷ୍ୟତ ପାଇଁ ଏକ ବଡ଼ ଆହ୍ୱାନ ।

**୩. ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ସ୍ୱରୂପ:-**

ଓଡ଼ିଆ ଭାଷାର ସ୍ୱରୂପ ସମ୍ବନ୍ଧରେ କହିବାବେଳେ ମନକୁ ଆସେ ଏହାର ଭାଷାଗତ, ବାକ୍ୟଗତ, ବ୍ୟାକରଣଗତ ଶୁଦ୍ଧତା । ଓଡ଼ିଆ ଭାଷାର ଗଣମାଧ୍ୟମିକ ସ୍ୱରୂପ ଓ ସାମାଜିକ ଗଣମାଧ୍ୟମିକ ସ୍ୱରୂପ ଏ ଦୁଇଟି ପ୍ରସଙ୍ଗ ଅଲଗା । ଏହିକ୍ରମରେ ଭାଷାର ଶୁଦ୍ଧତା, ପରିକଳ୍ପିତ ବିକଳ୍ପ ଅନୁସାରେ ଶବ୍ଦଚୟନ ପ୍ରକ୍ରିୟା, ଶବ୍ଦ ସଂଯୋଜନା କ୍ଷେତ୍ରରେ ଦେଖାଦେଇଥିବା ଅନେକ ବିଷମତା ଏବଂ ଏହି ବିଷମତାରୁ ଉତ୍ପନ୍ନ ବିତର୍କର ସବୁକିଛି ଏବେ ଗୋଟିଏ ଭାଷାର ସ୍ୱରୂପର ଅନ୍ତର୍ଭୁକ୍ତ ହେବେ ।

ଓଡ଼ିଆ ବର୍ଣ୍ଣ ଓ ଲିପି ପ୍ରସଙ୍ଗରେ ୧୯୩୮ ଜୁଲାଇ ସଂଖ୍ୟା 'ନବଭାରତ' ପତ୍ରିକା ଅନୁସାରେ 'ଓଡ଼ିଆ ଭାଷାରେ ବର୍ଣ୍ଣିତ ଶୁଦ୍ଧାଶୁଦ୍ଧତ୍ୱ ବିଚାର' ତଥା 'ପରିଭାଷିକ ଶବ୍ଦ' ତିଆରି କରି ପ୍ରଚାର କରିବା ପାଇଁ ସରକାରଙ୍କ ତରଫରୁ କମିଟି ମଧ୍ୟ ଗଢ଼ାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ସେହି କମିଟିର ସଭାପତି ଥିଲେ । ଏହି କମିଟିର ମତାନୁସାରେ ବ୍ୟଞ୍ଜନବର୍ଣ୍ଣ ପୂର୍ବରୁ ବର୍ଗର ପଞ୍ଚମ ବର୍ଣ୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ, କିନ୍ତୁ ଏଠାରେ 'ପ', 'ଫ', 'ଠ' ପ୍ରଭୃତିରେ ଅନୁସ୍ୱାର ଦେବା ଏବେ ଅସୁବିଧା ଜନକ । ପଙ୍କ, ଫନ୍ଦା, ଠେଙ୍ଗା ପ୍ରଭୃତିରେ 'ପ', 'ଫ' ଓ 'ଠ' ରେ ଅନୁସ୍ୱାର ଦେବା ସୁବିଧାଜନକ ନୁହେଁ । ତେଣୁ ଏହିସବୁ ଅକ୍ଷରର ସୁବିଧାଜନକ ଆକାର ଲିପି ସଂସ୍କାରର ଅଙ୍ଗୀଭୂତା ଆଧୁନିକ ଅକ୍ଷର ସଂଯୋଜନ କ୍ଷେତ୍ରରେ ଆଜିକାଲି ସ୍ପଷ୍ଟ ରୂପେ ପଂକ, ଫଂଦା, ଠେଂଗା ଲେଖା ଯାଇପାରୁଛି ।

ଉପରୋକ୍ତ ଲିଖନ ଶୈଳୀର ଭାବଧାରା ବ୍ୟତୀତ ସଂପ୍ରତି କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ପ୍ରଭାବ ବହୁଭାବେ ଓଡ଼ିଆଭାଷାର ଲିଖନଶୈଳୀକୁ ପ୍ରଭାବିତ କରିଛି । ଓଡ଼ିଆ ଟାଇପ୍ ରାଇର୍ଟରେ ଲେଖା ହୋଇଥିବା ଲକ୍ଷଲକ୍ଷ ପୃଷ୍ଠାର କାଗଜପତ୍ରରେ ଆମକୁ କେବଳ କଂ, ଖଂ, ଗଂ, ଘଂ ଇତ୍ୟାଦି ଦେଖିବାକୁ ମିଳେ । ଟାଇପ୍ କ୍ଷେତ୍ରରେ ଙ୍କ, ଙ୍ଖ, ଙ୍ଗ, ଙ୍ଘ ଇତ୍ୟାଦି ଲେଖିବାର ବ୍ୟବସ୍ଥା ଆଦୌ ନାହିଁ । ଯୁକ୍ତାକ୍ଷରଗୁଡ଼ିକୁ ଅନୁସ୍ୱାର ଦ୍ୱାରା ପ୍ରକାଶ କରିବାଟାକୁ ସମର୍ଥନ କରି ରାମକୃଷ୍ଣ ନନ୍ଦ ତାଙ୍କ 'ଲେଖନୀ ପାଠ ଶାଳା' ପୁସ୍ତକରେ ଅନେକ କଥା କହିଛନ୍ତି ତନ୍ମଧ୍ୟରୁ ମୁଦ୍ରଣଗତ 'ସୁବିଧା-ଅସୁବିଧା' ଗୋଟିଏ । ପୁସ୍ତକର ୪୧ ପୃଷ୍ଠାରେ ରାମକୃଷ୍ଣ ନନ୍ଦ ଲେଖିଛନ୍ତି- "ପ୍ରେସ୍‌ର କଂପୋଜିଟରମାନେ ଦୁଇଥରରେ" 'ପଙ୍କ' ଶବ୍ଦଟିକୁ ଯୋଡ଼ନ୍ତି, ମାତ୍ର ଅନୁସ୍ୱାର ଯୋଗେ ଯୋଡ଼ିଲେ ତିନିଥର ଲାଗେ ଥରେ 'ପ', ଥରେ 'ଂ' ଅନୁସ୍ୱାର ଓ ଥରେ 'କ' ।

ଏହି ଓଡ଼ିଆ ଭାଷାର ସାମାଜିକ ଗଣମାଧ୍ୟମରେ ଅନେକ ବିବିଧତା ଦେଖିବାକୁ ମିଳୁଛି । ତାହା ଫେସ୍‌ବୁକ୍ ହେଉ ବା ହ୍ୱାଟସ୍ଆପ୍, କିମ୍ବା ଇନ୍‌ଷ୍ଟାଗ୍ରାମ ବା ଟ୍ୱିଟର ଏସବୁରେ ଉପଭୋକ୍ତାଙ୍କର ମତ ମନ୍ତବ୍ୟକୁ ନେଇ ଭାଷାର ଲିପିଗତ, ଶବ୍ଦଗତ, ବ୍ୟାକରଣଗତ ଭିନ୍ନତା ପରିଲକ୍ଷିତ ହେଉଛି । କେତେକ ଉପଭୋକ୍ତା ସେମାନଙ୍କର ମତ, ମନ୍ତବ୍ୟକୁ ଓଡ଼ିଆ ଲିପିରେ ଲେଖୁଛନ୍ତି । ଲେଖାରେ ଯଦିଓ କେତେକ ସ୍ଥଳେ ସବୁ ବର୍ଣ୍ଣର ସଠିକ୍ ଲିପି ନ

ଆସିପାରେ କିନ୍ତୁ ସେ ସେଥିପ୍ରତି ଚେଷ୍ଟିତ ଏକଥାକୁ ଅସ୍ୱୀକାର କରାଯାଇନପାରେ । କେତେକଙ୍କଠାରେ ମତମନ୍ତବ୍ୟ ଦେବା ସମୟରେ ବନାନଗତ ତ୍ରୁଟି ଥାଇପାରେ, ମାତ୍ର ତାହାକୁ ସେମାନେ ସଚେତନ ହୋଇ ପୋଷ୍ଟ କଲେ ତାହା ପରବର୍ତ୍ତୀ ସମୟରେ ଏକ ସୁଦୃଢ଼ ସ୍ଥିତିରେ ପହଞ୍ଚାଇ ବାରେ ସକ୍ଷମ ହେବ ।

ବହୁ ବ୍ୟକ୍ତି ସେମାନଙ୍କର ମତ ଓ ମନ୍ତବ୍ୟକୁ ଓଡ଼ିଆରେ ପୋଷ୍ଟ କରିବା ପରିବର୍ତ୍ତେ ଓଡ଼ିଆ ଭାଷାକୁ ଇଂରାଜୀ ଅକ୍ଷରରେ ପୋଷ୍ଟ କରିବାର ସୁବିଧାକୁ ଆପଣେଇଛନ୍ତି । ସେମାନଙ୍କର ଇଂରାଜୀ ଭାଷା ସହିତ ବ୍ୟବହାରିକ ଦୃଷ୍ଟିରୁ ବହୁଳ ହେଉଥିବାରୁ ଏହି ସବୁକୁ ତତ୍କ୍ଷଣାତ୍ ବ୍ୟବହାର କରିବାକୁ ପଛାଉ ନାହାଁନ୍ତି । ଏବେ ଏମାନଙ୍କ ସଂଖ୍ୟା ଅଞ୍ଚଳିକତା ଦୃଷ୍ଟିରୁ ଅଧିକ ବୋଲି ଧରାଯିବ । କାରଣ ଓଡ଼ିଆ ଲିପି ଅପେକ୍ଷା ଇଂରାଜୀ ଲିପିରେ ଲେଖିବା ସଦସ୍ୟଙ୍କ ସଂଖ୍ୟା ଅଧିକ ଜଣାଯାଏ । ଓଡ଼ିଆ ଲିପି କେତେକ ସଚେତନ ନାଗରିକ, ରୁଚିସମ୍ପନ୍ନ ବ୍ୟକ୍ତିଙ୍କଠାରେ ଦେଖାଯିବା ସ୍ଥଳେ ଇଂରାଜୀ ଅକ୍ଷରରେ ଓଡ଼ିଆଭାଷାର ବ୍ୟବହାର ସବୁବର୍ଗର ଲୋକଙ୍କର ଲେଖା ପାଲଟିଛି, ଏଥିରେ ଦ୍ୱିମତ ନାହିଁ ।

ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ଓଡ଼ିଆ ଭାଷା ସହିତ ଅନ୍ୟ ଭାଷାକୁ ମିଶାଇ ମତ ମନ୍ତବ୍ୟ ପ୍ରଦାନ କରିଥାନ୍ତି । ସେଥିରେ ଇଂରାଜୀର ଶବ୍ଦ, ସଂକ୍ଷିପ୍ତ ଶବ୍ଦ, ସଙ୍କେତ, ପ୍ରତୀକ, ହିନ୍ଦୀ, ବଙ୍ଗଳା ଭଳି ଭାଷାର ମଧ୍ୟ ବ୍ୟବହାର ଦେଖିବାକୁ ମିଳିଛି । ଏସବୁ ଭିତରେ ସବୁ ଭାଷା ପାଇଁ ଇଂରାଜୀ ଅକ୍ଷରର ବ୍ୟବହାର ବହୁଳ ଭାବେ ପରିଲକ୍ଷିତ; ଉଦାହରଣ- Have a nice day ପାଇଁ (HAND), See you later ପାଇଁ (CUL), just for fun ପାଇଁ (J4F) ଆଦି ସଂକ୍ଷିପ୍ତ ଶବ୍ଦର ବ୍ୟବହାର । "AJ cl8 close hai", "Tumhebatanajuririnehin" ଭଳି ହିନ୍ଦୀ ଭାଷାର ଇଂରାଜୀ ଅକ୍ଷର, "Kemanachho", "Khubbhalo" ଭଳି ବଙ୍ଗଳା ଭଷାର ଇଂରାଜୀ ଅକ୍ଷର ମଧ୍ୟ ବ୍ୟବହୃତ ହେଉଛି ।

**୪. ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର କେତେକ ବିଶେଷ ବ୍ୟବହାର:**

ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର କେତେକ ବିଶେଷ ବ୍ୟବହାର ଦୃଷ୍ଟାଲୋକ ହୋଇଥାଏ । ଯାହାକି-

(କ) ବାର୍ତ୍ତାରେ ସଂକ୍ଷିପ୍ତତା

(ଖ) ବାକ୍ୟରେ ସରଳତା

(ଗ) ବିଭିନ୍ନ ସଙ୍କେତ ଓ ପ୍ରତୀକର ମାଧ୍ୟମ

(ଘ) ବିଭିନ୍ନ ଭାଷା ସହିତ ଓଡ଼ିଆ ଭାଷାର ପ୍ରୟୋଗ

(ଙ) ଭାବରେ ଓଡ଼ିଆ ଲିଖନରେ ବିବିଧତା

(ଚ) ବକ୍ତବ୍ୟରେ ଚାତୁର୍ଯ୍ୟତା

(ଛ) ବାର୍ତ୍ତା ପ୍ରେରକଙ୍କର ସାମାଜିକ ଗଣମ୍ମାମରେ ପ୍ରଦାନ କରିଥିବା ଆଇ.ଡି.ନାମ ବା ଡାକନାମରେ ପରିଚୟ ।

(ଜ) ବିଷୟବସ୍ତୁ ପ୍ରତି ଧ୍ୟାନାକର୍ଷଣ ପାଇଁ ଇଂରାଜୀ ବଡ଼ଅକ୍ଷର ବା କୌଣସି ରଙ୍ଗର ବ୍ୟବହାର ।

**(କ) ବାର୍ତ୍ତାରେ ସଂକ୍ଷିପ୍ତତା:-**

ସାମାଜିକ ଗଣମାଧ୍ୟମର ବ୍ୟବହାରକାରୀ ଯଥାସମ୍ଭବ ସଂକ୍ଷିପ୍ତତାକୁ ଆପଣେଉଛି । କୌଣସି ବାର୍ତ୍ତା ଦେବାରେ ବା କଥୋପକଥନ ସମୟରେ ସେ ବକ୍ତବ୍ୟକୁ ସଂକ୍ଷିପ୍ତ କରି ବହୁ କଥା ବ୍ୟକ୍ତ କରିବାର ଅଭିଳାଷକୁ ନେଇ କିଛି ଦୃଶ୍ୟ ସମ୍ବନ୍ଧିତ ଭିଡ଼ିଓ ହେଉ ବା ଫଟୋଚିତ୍ର ହେଉ କିମ୍ବା କୌଣସି ସାଙ୍କେତିକ ମାଧ୍ୟମ ହେଉ କମ୍ ସମୟରେ ଅଧିକ ସୂଚନାର ଅବଗତି ନିମନ୍ତେ ସେ ଚେଷ୍ଟିତ ରହୁଛି । ଏହି ମତେ ବାର୍ତ୍ତାରେ ଅନେକ କଥା ଖୁବ୍ ସଂକ୍ଷିପ୍ତରେ ପଠାଯାଉଛି । ଉଦାହରଣ – GOOD NIGHT – GUD NI8–GD N8

ଖାଇଛୁ – Khai6U - Khaichhu

ଏମିତି – Emiti – Emti

ଆଠ ମାସ / ଆଠ ମିନିଟ୍ – 8m – 8mt

**(ଖ) ବାକ୍ୟରେ ସରଳତା:-**

ସାମାଜିକ ଗଣମାଧ୍ୟମରେ ବ୍ୟକ୍ତି ନିଜର ବକ୍ତବ୍ୟକୁ ଯଥାସମ୍ଭବ ସରଳୀକରଣ କରିବାକୁ ଚେଷ୍ଟିତ । ସେ ବାକ୍ୟକୁ ଜଟିଳ ଆକାରରେ ବ୍ୟକ୍ତ ନ କରି ଜଟିଳତାରୁ ସରଳତା ଆଡ଼କୁ ବ୍ୟବହାରିକ ରୂପ ଦେଉଛି । ବାର୍ତ୍ତାକୁ ପାଉଥିବା ବ୍ୟକ୍ତି ମଧ୍ୟ ସେହି ସରଳତାକୁ ଠିକ୍ ଭାବେ ବୁଝିପାରୁଛି । ଏହା ମୁଖ୍ୟତଃ ସଂକ୍ଷିପ୍ତ ଓ ବକ୍ତବ୍ୟଧର୍ମୀ ।

ଉଦାହରଣ – Ajjibu.......Hmm

TuAsibuni.......Naa

**(ଗ) ବିଭିନ୍ନ ସଙ୍କେତ ଓ ପ୍ରତୀକର ମାଧ୍ୟମ:-**

ସାମାଜିକ ଗଣମାଧ୍ୟମରେ କେବଳ କଥୋପକଥନରେ ନୁହେଁ ଭିଡ଼ିଓ, ଫଟୋ ଗୁଡ଼ିକରେ ମଧ୍ୟ ଅନେକ ସଙ୍କେତ ଓ ପ୍ରତୀକର ବ୍ୟବହାର ଦେଖିବାକୁ ମିଳୁଛି । ବ୍ୟକ୍ତି ନିଜର ଭାବନାକୁ ବ୍ୟକ୍ତ କରିବା ନିମନ୍ତେ ଏହି ସଙ୍କେତ ଓ ପ୍ରତୀକର ବ୍ୟବହାର ବହୁମାତ୍ରାରେ କରୁଥିବାର ଜଣାଯାଏ । କିଛି ସୂଚନା, କିଛି ବକ୍ତବ୍ୟ ଦେବାକୁ ଯାଇ ସେ ଏଗୁଡ଼ିକର ବ୍ୟବହାର କରିଥାଏ । ଯାହା ଫଳରେ ଆଜିର ସମୟରେ ଏହି ଇମୋଜିଗୁଡ଼ିକର ବ୍ୟବହାର ଅତ୍ୟନ୍ତ ଅପରିହାର୍ଯ୍ୟ ମନେହୁଏ ।

ଉଦାହରଣ- All the best

Subhechha

**(ଘ) ବିଭିନ୍ନ ଭାଷା ସହିତ ଓଡ଼ିଆ ଭାଷାର ପ୍ରୟୋଗ:-**

ସାମାଜିକ ଗଣମ୍ଧ୍ୟମରେ ଯେପରି ବିଭିନ୍ନ ଭାଷାର ବ୍ୟବହାର କରିବା ସହଜ ହେଉଛି, ସେହି ମତେ ଆମ ଦୈନନ୍ଦିନ ଜୀବନଶୈଳୀରେ ଆମେ ବ୍ୟବହାର କରୁଥିବା ଭାଷାକୁ ମଧ୍ୟ ଏଥିରେ ପ୍ରକାଶ କରୁଛୁ । ଯେପରି ଆମ ଭାଷାରେ ଆମେ ଅନେକ ଅଲଗା ଭାଷାକୁ ବ୍ୟବହାର କରିଥାଉ ସେହିପରି ଏଥିରେ ମଧ୍ୟ ଇଂରାଜୀ, ହିନ୍ଦୀ, ବଙ୍ଗଳା ଆଦି ଭାଷାର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳୁଛି ।

Autonomous re ଆସିଛି

ଫକୀରମୋହନ ଫାଉଣ୍ଡେସନ୍,ନୂଆଦିଲ୍ଲୀ

**(ଙ) ଅଙ୍କର ଧ୍ୱନ୍ୟାତ୍ମକ ମୂଲ୍ୟକୁ ଶବ୍ଦରେ ସିଲାବଲ୍ ବା ଅକ୍ଷର ରୂପେ ବ୍ୟବହାର:-**

ଓଡ଼ିଆ ନେଟ୍‌କଥାରେ ପ୍ରାୟ ବହୁ ସଦସ୍ୟଙ୍କ ବାର୍ତ୍ତାଳାପରେଏହା ଲକ୍ଷ୍ୟ କରିହୁଏ । ଆମେ ଅନେକ କଥା କହିଥାଉ କିନ୍ତୁ ସାମାଜିକ ଗଣମାଧ୍ୟମରେ ତାହାକୁ ଲେଖିଲାବେଳକୁ ଆମ ନିଜ ଲିପିରେ ଟାଇପ୍ କରିନଥାଉ । ଯେଉଁ କୌଣସି ସାମାଜିକ ଗଣମାଧ୍ୟମ ସାଇଟ୍‌ରେ ଏହି ଧାରା ଦେଖିବାକୁ ମିଳୁଛି । ଆମେ ଆମ ସମଭାବାପନ୍ନ ବ୍ୟକ୍ତିଙ୍କ ସହିତ କଥୋପକଥନ ସମୟରେ ଆମର ଭାବନାକୁ ଓଡ଼ିଆରେ ପ୍ରକାଶ କରିବାପାଇଁ ଏବେ ସିଲେବଲ୍‌କୁ ଗାଣିତିକ ଅଙ୍କ ସଙ୍କେତ ବ୍ୟବହାର କରି ଲେଖୁଛୁ ଯାହାକୁ ଇଂରାଜୀରେ 'Syllabogram' କୁହଯାଉଛି । ଉଦାହରଣସ୍ୱରୂପ ଇଂରାଜୀରେ 'for' ଶବ୍ଦକୁ '୪' ଓ 'to' କୁ '୨' ବ୍ୟବହାର କରାଯାଉଛି. ଓଡ଼ିଆରେ ବହୁ ନେଟିଜେନ୍ ଲେଖିବାବେଳେ 'ଏକଲା'କୁ '୧ଲା' ବା '1la' ଭାବେ, 'ଦୁଇଟି'କୁ '2t', 'ଖବର'କୁ 'Kh12' ଭଳି ଲେଖୁଛନ୍ତି ।

AjiSoipadaGd N8

½E Birthday

**(ଚ) ବକ୍ତବ୍ୟରେ ଚାତୁର୍ଯ୍ୟତା:-**

ସାମାଜିକ ଗଣମ୍ଧ୍ୟମରେ ବ୍ୟବହାରକାରୀ କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଗ, ରୁଚି କିମ୍ବା ନିର୍ଦ୍ଦିଷ୍ଟ ମାନସିକତା ବା ଏକା ବୟସର ବ୍ୟକ୍ତି ନୁହଁନ୍ତି । ତେଣୁ ସେମାନଙ୍କର ଚିନ୍ତାଧାରା ଅଲଗା, ସେମାନଙ୍କର ରୁଚି, ଶୈଳୀ ହିସାବରେ ସମଭାବାପନ୍ନ ବ୍ୟକ୍ତିମାନେ ବି ଅଲଗା । ନିଜ ନିଜର ରୁଚି ଅନୁଯାୟୀ ଜଣେ ବାର୍ତ୍ତା ଉପସ୍ଥାପକଙ୍କ ସମଭାବାପନ୍ନ ବ୍ୟକ୍ତିଙ୍କୁ ବାର୍ତ୍ତାଳାପ ପାଇଁ ଖୋଜିଥାନ୍ତି । ସେମାନଙ୍କ ବାର୍ତ୍ତାଳାପରେ ଯେଉଁ ମାଧୁର୍ଯ୍ୟତା, ଆତ୍ମୀୟତା ରହିଥାଏ ତାହା ତାଙ୍କ କଥୋପକଥନରୁ ଜଣାପଡ଼ିଥାଏ । ଜଣେ ସମାଜସେବୀ, ଡ଼ାକ୍ତର, ଓକିଲ, ଶିକ୍ଷକ, ଶ୍ରମିକ, କଲେଜ ଛାତ୍ର ବା ଛାତ୍ରୀ, ପ୍ରାପ୍ତବୟସ୍କ, ସାହିତ୍ୟିକ ଆଦିଙ୍କର କଥୋପକଥନ ଶୈଳୀ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ସେମାନଙ୍କର ଏହି ବାର୍ତ୍ତାରେ ବିଭିନ୍ନ ଚାତୁର୍ଯ୍ୟତା ରହିଥାଏ ।ଏହା ବ୍ୟତୀତ ବହୁ ସମୟରେ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାରରେ ନୂତନ ଶବ୍ଦରୂପର ବ୍ୟବହାର ମଧ୍ୟ ଦେଖିବାକୁ ମିଳୁଛ, ଯେପରିକି - ahhhh/haa (ଆହା), hahahaha (ହସିବା), Waooo (ୱାଉ), ଓଓଓଓ (ଓଃ), ହାଏଏଏଏ(ହାଏ) ।

**(ଛ) ସଂକ୍ଷିପ୍ତରେ ବାର୍ତ୍ତା ଉପସ୍ଥାପକଙ୍କ ପରିଚୟ:**

ନେଟ୍‌କଥାର ଉପସ୍ଥାପନରେ ବାର୍ତ୍ତା ଉପସ୍ଥାପକ ତାଙ୍କର ଡାକନାମ ବା ଆଇ.ଡି. ନାମ ଅନୁସାରେ ପରିଚିତ ହୋଇଥାନ୍ତି; ଯେପରିକି #Horticultre@krushibibhagaû Fisheries & ARD Department @krushibibhag ।

**(ଜ) ଲିଖନରେ କୌଣସି ବିଷୟକୁ ଗୁରୁତ୍ୱ ଦେବାପାଇଁ ଇଂରାଜୀ ବଡ଼ ଅକ୍ଷରରେ ଟାଇପ୍ କରିବା ବା ରଙ୍ଗ ଦେବା:**

Kalinga Gananatya Stagere Dhamal Kale Heroine ARCHITA SAHU

ଏହା ବ୍ୟତୀତ ଓଡ଼ିଆରେ ଟାଇପ୍ କରି ଲେଖିବାବେଳେ ବହୁ ବାର୍ତ୍ତା ଉପସ୍ଥାପକ କୌଣସି ବିଷୟବସ୍ତୁକୁ ରଙ୍ଗ ଦେଇ ବା ବୋଲ୍ଡ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି ।

**୫. ଉପସଂହାର:**

ଗଣମାଧ୍ୟମରେ ଯେଭଳି ବହୁ ଭାଷାର ସମ୍ମିଳିତ ରୂପ ଦେଖିବାକୁ ମିଳିଥାଏ, ସେହିପରି ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁଭାଷା ବ୍ୟଞ୍ଜିତ ହୋଇଥାନ୍ତି । ଆଞ୍ଚଳିକତା, ଭୌଗୋଳିକ ଭୂଖଣ୍ଡ,

ପରସ୍ପର ଭାବବିନିମୟର ସାର୍ବଜନୀନତା, ସର୍ବଜନାଦୃତି ରାଷ୍ଟ୍ରୀୟତାକୁ ନିର୍ବହଣ କରୁଥିବା ବିବିଧ ରୂପର ବ୍ୟବହାର ଏବେ ସାମାଜିକ ଗଣମାଧ୍ୟମର ମୁକ୍ତମଞ୍ଚରେ ଦେଖିବାକୁ ମିଳୁଛି । ସାମାଜିକ ଗଣମାଧ୍ୟମରେ ଭାରତରେ ତେଲୁଗୁ, ତାମିଲ, ବଙ୍ଗଳା, ଆସାମୀ, ଓଡ଼ିଆ, ଗୁଜୁରାଟୀ ଭଳି ଆଞ୍ଚଳିକ ଭାଷାର ବ୍ୟବହାର ସହିତ ଇଂରାଜୀ ଭଳି ବୈଦେଶିକ ଭାଷା ଓ ହିନ୍ଦୀ ଭଳି ରାଷ୍ଟ୍ରୀୟ ଭାଷାର ବହୁଳ ବ୍ୟବହାରକୁ ଦେଖିଲେ, ଭାଷା କ୍ରମେ ତାହାର ଆଞ୍ଚଳିକ ପରିବେଶରୁ ବାହାରି କଥିତ ଜନତାର ପରିଧିକୁ ପରିବ୍ୟାପ୍ତ ହେଉଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏଣୁ ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷା କ୍ରମେ ପ୍ରଯୁକ୍ତିର ବାଧ୍ୟବାଧକତା ଓ ଭାବପ୍ରକାଶର ସୁଗମ ମାଧ୍ୟମରେ ଯେ ଏକ ମଧୁର ସାଲିସ କରିଛି ଓ ଆଗକୁ ଏହି ସାଲିସ୍ ଅଭିମୁଖି ଉପସ୍ଥାପନାରୁ ଭାଷାର ସାଂପ୍ରତିକ କାୟାକଳ୍ପରେ ବ୍ୟାପକର ପରିବର୍ତ୍ତନ ଘଟିବାକୁ ଯାଉଥିବାର ସମ୍ଭାବନା ଉତ୍ପନ୍ନ ହୋଇଛି ।

**ଅନୁସରଣ ତଥ୍ୟ ଉତ୍ସ :**


(1) David Crystral - 'Language & the Internet', Cambridge University Press, Printed Edition, 2001, Page 17

(2) David Crystral - 'Language & the Internet', Cambridge University Press, Printed Edition, 2001, Page 17

(3) Thurlow, C., Lengel, L., and Tomic, A. (2004).Computer Mediated Communication: Social Interaction and the Internet. London: Sage Publications.

(4) David Crystral - 'Language & the Internet', Cambridge University Press, Printed Edition, 2001, Page 18

(5) SanelHadžiahmetoviæJurida& Alma Jahiæ&JasminaHaniæ&MirzaDžaniæ&TanjaPavloviæ - 'Netspeak: Linguistic Properties and Aspects of Online Communication in Postponed Time', Page 2

(6) Ogunyale, Wale Joseph – 'A Linguistic Study Of Netspeak Among Students Of Adeyemi College Of Education, Ondo', Department Of English Adeyemi College Of Education, Ondo City, November 2016, Page 16

(7) SanelHadžiahmetoviæJurida& Alma Jahiæ&JasminaHaniæ&MirzaDžaniæ&TanjaPavloviæ – "Netspeak: Linguistic Properties and Aspects of Online Communication in Postponed Time",

(8) Albert Bandura – "Social Learning Theory", Stanford University, https://cogs.sitehost.iu.edu/spackled/2012readings/bandura.pdf

(9) Hadoussa Slim and MenifHafedh - "social media impact On language learning for specific purposes: a study in English for business administration", University of Tabuk, Tabuk, Saudi Arabia

(10) Blattner, G., &Fiori, M. - (2009). 'Facebook in the Language Classroom: Promises and Possibilities.' International Journal of Instructional Technology and Distance Learning, 6, 17-28,

(11) https://www.scirp.org/(S(czeh2tfqyw2orz553k1w0r45))/reference/ReferencesPapers.aspx?ReferenceID=2030930

(12) Ali Derakhshan&SamarehHasanabbasi - 'Social Networks for Language Learning',

(13) https://www.researchgate.net/publication/277887414_Social_Networks_for_Language_Learning

(14) Jonathan Zittrain - 'The Generative Pattern', "The Future of the Internet-And How to Stop It" Copyright  2008 by Jonathan Zittrain, Yale University Press, New Haven & London, page. 91



ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ